# NATIONAL NEWS BULLETIN (ODIA)

**10 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଆଜି ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ମୋଦୀଙ୍କ ଐତିହାସିକ ଅଷ୍ଟ୍ରେଲିଆ ଗସ୍ତ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା କ୍ଷେତ୍ରରେ ଦୃଢ଼ ସଂକଳ୍ପ ପ୍ରଦାନ କରିଥିବା ସୂଚନା ।

- ଦ୍ୱିତୀୟଥର ଲାଗି ଦେଶର ବିଦ୍ୟୁତ୍ ଚାହିଦାର ୫୦ ପ୍ରତିଶତ ପୂରଣ କରିଛି ସ୍ୱଚ୍ଛ ଶକ୍ତି ।

- ମହାରାଷ୍ଟ୍ରରେ ଏକକ ନାଗରିକ ସଂହିତା ଚିଠା ପ୍ରସ୍ତାବ ପ୍ରସ୍ତୁତି ଲାଗି ୭ ଜଣିଆ କମିଟି ଗଠିତ ।

ଏବଂ

- ଫିଫା ବିଶ୍ୱକପ୍‌ର ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଆଜି ଅନୁଷ୍ଠିତ ହେବ ସ୍ପେନ୍ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ୍ ।

# ପିଏମ୍-ନ୍ୟୁଜିଲାଣ୍ଡ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁଇଦିନିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଅକ୍‌ଲାଣ୍ଡରେ ପହଞ୍ଚିବେ । ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କ, ବିଶେଷକରି ଗତ ୨ ବର୍ଷରେ ବାଣିଜ୍ୟ, ବ୍ୟବସାୟ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ସମୀକ୍ଷା କରିବେ । ଗତ ୪୦ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ନ୍ୟୁଜିଲାଣ୍ଡ ଗସ୍ତ କରୁଛନ୍ତି । ସେଠାରେ ଶ୍ରୀ ମୋଦୀ ପ୍ରମୁଖ ବ୍ୟବସାୟିକ ଏବଂ କ୍ରୀଡା ବ୍ୟକ୍ତିତ୍ୱଙ୍କ ସହ ବାର୍ତ୍ତାଳାପ ପରିବେ । ଶ୍ରୀ ମୋଦୀ ଏହି ଗସ୍ତ କାଳରେ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ ବୋଲି ଜଣାପଡିଛି ।

# ପିଏମ୍-ଅଷ୍ଟ୍ରେଲିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଐତିହାସିକ ଅଷ୍ଟ୍ରେଲିଆ ଗସ୍ତ ଶେଷ କରିଛନ୍ତି । ଏହି ଗସ୍ତ ଭାରତ-ଅଷ୍ଟ୍ରେଲିଆ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତା କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ଦୃଢ଼ ବିଶ୍ୱାସ ପ୍ରଦାନ

କରିଛି । ଏହି ଯାତ୍ରା କାଳରେ ଦୁଇଦେଶ ମଧ୍ୟରେ କୂଟନୈତିକ, ଆର୍ଥିକ ଏବଂ ସୁରକ୍ଷା ସମ୍ପର୍କ ନୂଆ ଶିଖର ହାସଲ କରିଛି ।

ପ୍ରଧାନମନ୍ତ୍ରୀଙ୍କ ଅଷ୍ଟ୍ରେଲିଆ ଗସ୍ତର ପ୍ରାରମ୍ଭରେ ଉଭୟ ଦେଶର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମ୍ମିଳନୀରେ ୨୦୨୨ ବୁଝାମଣା କ୍ଷେତ୍ରରେ ୫୫ ପ୍ରତିଶତ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧିକୁ ସ୍ୱାଗତ କରାଯାଇଥିଲା । ଏହାକୁ ଆହୁରି ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିଜ୍ ବ୍ୟାପକ ଆର୍ଥିକ ସହଯୋଗ ବୁଝାମଣା ଉପରେ ମତ ବିନିମୟକୁ ତ୍ୱରାନ୍ୱିତ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉଭୟ ଦେଶ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଐତିହାସିକ ସଫଳତା ଲାଭ କରିଛନ୍ତି । ଭାରତକୁ ଅଷ୍ଟ୍ରେଲିଆରୁ ୟୁରାନିୟମ ଆମଦାନୀ ନେଇ ଏହି ଗସ୍ତ କାଳରେ ଚୂଡାନ୍ତ ନିଷ୍ପତ୍ତି ହୋଇଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ଲାଗି ଉଭୟ ଦେଶ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ନେଇ ସଂଯୁକ୍ତ ଘୋଷଣାନାମା ଓ ସାମୁଦ୍ରିକ ସୁରକ୍ଷା ସହଯୋଗ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ମେଲବୋର୍ଣ୍ଣର ମାର୍ବଲ ଷ୍ଟାଡିୟମରେ ଆୟୋଜିତ ମେଲବୋର୍ଣ୍ଣ ମିଟ୍‌ସ ମୋଦୀ ପ୍ରବାସୀ ଭାରତୀୟ ସମ୍ମିଳନୀରେ ୨୫ହଜାର ଲୋକ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମୋଦୀ ଉଭୟଦେଶ ମଧ୍ୟରେ ୧୦ଲକ୍ଷ ଭାରତୀୟ ଅଧିବାସୀ ଏବଂ ଅଷ୍ଟ୍ରେଲିଆର ଜନସାଧାରଣ ସୁସମ୍ପର୍କ ସ୍ଥାପନ କରିଛନ୍ତି ବୋଲି କହିଥିଲେ । ସେଠାରେ

ରହୁଥିବା ଭାରତୀୟ ସମ୍ପ୍ରଦାୟର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଆଲ୍‌ବାନୀଜ’ ଅଷ୍ଟ୍ରେଲିଆର ବିକାଶ ଦିଗରେ ବହୁମୁଖୀୟ ସାଂସ୍କୃତିକ ଶକ୍ତିର ଯୋଗଦାନ ରହିଛି ବୋଲି କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାକାର ବିରୋଧୀଦଳ ନେତା ଏଙ୍ଗ୍‌ସ ଟେଲରଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଶ୍ରୀ ଟେଲର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଷ୍ଟ୍ରେଲିଆର ପ୍ରକୃତ ବନ୍ଧୁ ବୋଲି ବର୍ଣ୍ଣନା କରି ଆନ୍ତର୍ଜାତିକ ସୌର ମେଣ୍ଟ ଏବଂ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ୟୁରାନିୟମ ରପ୍ତାନୀ ଭଳି ପଦକ୍ଷେପକୁ ସମର୍ଥନ କରିଥିଲେ ।

## ଯୋଶୀ-କ୍ଲିନ୍ ଏନର୍ଜି

ଦେଶର ବିଦ୍ୟୁତ୍ ଚାହିଦାର ୫୦ ପ୍ରତିଶତ ଦ୍ୱିତୀୟଥର ଲାଗି ସ୍ୱଚ୍ଛ ଶକ୍ତିଦ୍ୱାରା ପୂରଣ ହୋଇପାରିଛି ବୋଲି  ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ଚଳିତ ମାସ ୬ ତାରିଖରେ ନବୀକରଣୀୟ ଶକ୍ତି ଉତ୍ସରୁ ୫୦ ଦଶମିକ ୨ ପ୍ରତିଶତ ଶକ୍ତି ଯୋଗାଣ ସଫଳ ହୋଇଛି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏହି କ୍ଷେତ୍ରରେ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ କରୁଛି ।

## କେକେ ସେନ୍ସସ

ଜାମ୍ମୁକାଶ୍ମୀରରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଡିଜିଟାଲ ତଥ୍ୟ ଆଧାରରେ ଶତପ୍ରତିଶତ ଗୃହଗଣନା କରାଯାଇଛି । ପ୍ରାୟ ମାସେବ୍ୟାପୀ ଚାଲିଥିବା ଏହି କାର୍ଯ୍ୟରେ ୨୪ହଜାର ଗୃହଗଣନା କରାଯାଇଥିବା ଜଣାପଡିଛି । ଏବେ ସେଠାରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ଜନଗଣନା ଏବଂ ଅକ୍ଟୋବର ମାସ ସୁଦ୍ଧା ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ନୀତି ଆୟୋଗ

ନୀତି ଆୟୋଗ ସଦସ୍ୟ ଡକ୍ଟର ଜୋରାମ ଅନିୟ ଆଜି ନୂଆଦିଲ୍ଲୀରେ ୟୁନିସେଫ୍ ଇଣ୍ଡିଆର ପ୍ରତିନିଧି ସିନ୍ଥିଆ ମାକାଫ୍ରି ଏବଂ ତାଙ୍କ ପ୍ରତିନିଧି ଦଳ ସହ ଶିଶୁକୈନ୍ଦ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ଦେଶରେ ବିଦ୍ୟାଳୟ, ଶିକ୍ଷା ଏବଂ ମାନବବିକାଶ ସମ୍ବନ୍ଧୀୟ ବ୍ୟବସ୍ଥାକୁ ସହଯୋଗ ଭିତ୍ତିରେ ଆହୁରି ସୁଦୃଢ଼ କରିବା ଲାଗି ଆଲୋଚନା ହୋଇଛି । ନୀତି ଆୟୋଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆଲୋଚନା କାଳରେ ନିରାପଦ ଏବଂ ସମାବେଶୀ ଶିକ୍ଷଣ, ଶିକ୍ଷକ ଶିକ୍ଷା, ଛାତ୍ରଛାତ୍ରୀଙ୍କ ବିକାଶ,

ସାଇବର ନିରାପତ୍ତା ଓ ଡିଜିଟାଲ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ ଗୁଡ଼ିକରେ ଏହିସବୁ ବ୍ୟବସ୍ଥା ଗୁଡ଼ିକ କିଭଳି ସୁଦୃଢ଼ ଭାବେ ଲାଗୁ କରାଯାଇପାରିବ ସେ ନେଇ ପ୍ରତିନିଧି ଦଳଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି । ଆଲୋଚନା କାଳରେ ଡକ୍ଟର ଅନିୟ ନୀତି ନୀତି ନିର୍ଦ୍ଧାରଣ, ସମ୍ପ୍ରଦାୟ ଯୋଗଦାନ, ବିପର୍ଯ୍ୟୟ ମୁକାବିଲା ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଯେଗାଦାନ ସୁନିଶ୍ଚିତ କରି ଶିଶୁବିକାଶ ଏବଂ ଶିକ୍ଷା ପ୍ରସାର ଉପରେ ମତ ଉପସ୍ଥାପନ କରିଥିଲେ ।

## ମହା-ୟୁସିସି କମିଟି

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ରାଜ୍ୟରେ ଏକକ ନାଗରିକ ସଂହିତା ଚିଠା ପ୍ରସ୍ତାବ ପ୍ରସ୍ତୁତି ପାଇଁ ସୁପ୍ରିମକୋଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ୭ଜଣିଆ କମିଟି ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟ ସରକାର ଚଳିତବର୍ଷ ବଜେଟ ଅଧିବେଶନରେ କମିଟି ଗଠନ ଲାଗି ଘୋଷଣା କରିଥିଲେ । ଆସନ୍ତା ୬ ମାସ ମଧ୍ୟରେ ଏକକ ନାଗରିକ ସଂହିତା ଚିଠା ପ୍ରସ୍ତାବ କମଟି ଦାଖଲ କରିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଗୁଜୁରାଟ-ରିଲିଫ ଓ୍ୱାର୍କ

ଗୁଜୁରାଟର ସୁରତରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲା ସମନ୍ୱୟ କମିଟି ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଥଇଥାନ ବ୍ୟବସ୍ଥା ଜୋର୍‌ଦାର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୪୮ରୁ ୭୨ ଘଣ୍ଟା ମଧ୍ୟରେ ଜନଜୀବନ ଓ ବ୍ୟବସାୟିକ କାର୍ଯ୍ୟକଳାପ ସ୍ୱାଭାବିକ କରିବା ଲାଗି ଶ୍ରୀ ସାଙ୍ଗ୍‌ଭୀ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ୯ ହଜାରଟି ପରିବାର ସର୍ଭେ କାର୍ଯ୍ୟ ଶେଷ ହୋଇଥିବାବେଳେ ୮୦୦ରୁ ଅଧିକ ପରିବାରକୁ ୬ହଜାର ୮୦୦ ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଛି ।

## ଗୋଆ-ଓଏନ୍‌ଓଇ

ଗୋଆ ସରକାର ପ୍ରସ୍ତାବିତ ଏକ ଦେଶ ଏକ ନିର୍ବାଚନ ପଦକ୍ଷେପକୁ ସମ୍ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାଓ୍ୱନ୍ତ କହିଛନ୍ତି ଏହି ପଦକ୍ଷେପ ଦ୍ୱାରା ଦେଶରେ ବିକାଶ ଏବଂ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇପାରିବ ।

ଆଜି ଏବଂ ଆସନ୍ତାକାଲି ଦୁଇ ଦିନ ଧରି ଯୁଗ୍ମ ସଂସଦୀୟ କମିଟି ପ୍ରସ୍ତାବିତ ଏକ ଦେଶ ଏକ ନିର୍ବାଚନ ଉପରେ ଗୋଆରେ ବିସ୍ତୃତ

ଆଲୋଚନା କରିବେ । ଏହି ପ୍ରସ୍ତାବକୁ ଚୂଡ଼ାନ୍ତ ରୂପ ଦେବା ପୂର୍ବରୁ କମିଟି ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରି ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କଠାରୁ ସେମାନଙ୍କ ମତାମତ ଗ୍ରହଣ କରୁଛନ୍ତି । କମିଟିର ଅଧ୍ୟକ୍ଷ, ସାଂସଦ ପି.ପି. ଚୌଧୁରୀ ସମ୍ବିଧାନର ୧୨୯ତମ ସଂଶୋଧନ ବିଧେୟକ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ୍ ସଂଶୋଧନ ବିଧେୟକ ୨୦୨୪ର ପରୀକ୍ଷାନିରୀକ୍ଷା କରୁଛନ୍ତି ।

ଦୁଇଦିନିଆ ଗୋଆ ଗସ୍ତ କାଳରେ କମିଟି ରାଜ୍ୟର ନେତୃବୃନ୍ଦଙ୍କ ସହ ଆଲୋଚନା କରିବା ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ, ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜନୈତିକ ଦଳ, ଆଇନ୍ ବିଶେଷଜ୍ଞ, ଶିକ୍ଷା, ଶିଳ୍ପ, ଗଣମାଧ୍ୟମର ପ୍ରତିନିଧି ଏବଂ ବିଭିନ୍ନ ଅଂଶିଦାରଙ୍କ ସହ ବିସ୍ତୃତ ଆଲୋଚନା କରିବ । ପୂର୍ବରୁ ଏହି କମିଟି ମୁମ୍ବାଇ, ଡେରାଡୁନ୍, ଚଣ୍ଡିଗଡ଼, ସିମ୍ଲା, ବେଙ୍ଗାଲୁରୁ ଏବଂ ଗାନ୍ଧିନଗର ଗସ୍ତ କରି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତାମତ ଗ୍ରହଣ କରିସାରିଛି ।

## ୟୁଏସ୍-ଇସ୍ରାଏଲ ଇରାନ

ଇରାନ୍ ଉପରେ ଆମେରିକାର ସଦ୍ୟ ଆକ୍ରମଣ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ’ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆମେରିକାର ସାମରିକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉଭୟ ନେତା ଗତ

ରାତିରେ ଫୋନ୍ ଯୋଗେ ଦୀର୍ଘସମୟ ବାର୍ତ୍ତାଳାପ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

ଇତିମଧ୍ୟରେ ଇରାନ୍‌ର ଇସଲାମିକ ରିଭଲୁସନାରୀ ଗାର୍ଡ କର୍ପ୍‌ସ ପକ୍ଷରୁ କୁହାଯାଇଛି, ଗତକାଲି ଜୋର୍ଡାନରେ ଥିବା ଆମେରିକାର ଏକ ବାୟୁସେନା ଘାଟୀ ଉପରେ ୧୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଆମେରିକାର ସଦ୍ୟ ଆକ୍ରମଣର ଜବାବରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ଇରାନ୍ କହିଛି । ଯଦି ଆମେରିକା ସେନା ଆକ୍ରମଣ ଜାରି ରଖେ ତେବେ ଅନ୍ୟ ଅଞ୍ଚଳରେ ଥିବା ଆମେରିକାର ଘାଟୀଗୁଡ଼ିକ ଉପରେ ଆକ୍ରମଣ କରାଯିବ ।

## ଅଲି ଖାମନେଇ-ଫ୍ୟୁନେରାଲ୍

ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ସ୍ୱର୍ଗତ ଆୟୋତୋଲା ଅଲୀ ଖାମ୍‌ନେଇଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ମସାଦ୍‌ର ଇମାମ୍ ରେଜାଠାରେ ତାଙ୍କ ଶେଷ କୃତ୍ୟରେ ହଜାର ହଜାର ସମର୍ଥକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଇରାନ୍ ଗଣମାଧ୍ୟମର ସୂଚନା ଅନୁଯାୟୀ ବିଧି ମୁତାବକ ଖାମ୍‌ନେଇଙ୍କ କଫିନ୍‌କୁ ଇମାମ୍ ରେଜାକୁ ନିଆଯିବା ପରେ ଦର୍-ଅଲ୍-ଧିକର୍ ଠାରେ ସମାଧି ଦିଆଯାଇଛି । ତାଙ୍କ ବଡ଼ ପୁଅ ସୟଦ୍ ମୁସ୍ତାଫା ଖାମ୍‌ନେଇ ଅନ୍ତିମ ପ୍ରାର୍ଥନା ସଭାର ନେତୃତ୍ୱ ନେଇଥିଲେ । ସେଠାକାର ଗଣମାଧ୍ୟମ ସୂଚନା ମୁତାବକ ଅତ୍ୟଧିକ ଭିଡ଼ ଯୋଗୁଁ ସ୍ୱର୍ଗତ ଖାମ୍‌ନେଇଙ୍କ

ପାର୍ଥିବ ଶରୀରକୁ ବିମାନ ସହାୟତାରେ ଇମାମ୍ ରେଜା ପର୍ଯ୍ୟନ୍ତ ନିଆଯାଇଥିଲା ।

ସୂଚନାଯୋଗ୍ୟ ଚଳିତ ବର୍ଷ ଫେବୃୟାରୀରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ଆୟୋତୋଲା ଅଲି ଖାମ୍‌ନେଇଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ପୁଅ ମୋଜତବା ଖାମ୍‌ନେଇ ଇରାନ୍‌ର ସର୍ବୋଚ୍ଚ ନେତା ପଦରେ ଅଭିଷିକ୍ତ ହୋଇଥିଲେ ।

## ଫିଫା-କ୍ୱାର୍ଟର ଫାଇନାଲ୍

ଫିଫା ବିଶ୍ୱକପ୍‌ରେ ଆଜି ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍‌ରେ ସ୍ପେନ୍ ଏବଂ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବରୁ ଆମେରିକାର ବୋଷ୍ଟନ୍‌ରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଫ୍ରାନ୍ସ ୨-୦ରେ ମୋରୋକ୍କୋକୁ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛି । ଏଥିସହିତ ପ୍ରଥମଥର ପାଇଁ ଫ୍ରାନ୍ସ କ୍ରମାଗତ ଭାବେ ତୃତୀୟ ବିଶ୍ୱକପ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ରବିବାର ଦିନ ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ୍‌ରେ ନରୱେ ଏବଂ ଇଂଲଣ୍ଡ ଓ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# କ୍ରିକେଟ୍

ଭାରତୀୟ ମହିଳା ଦଳ ଆଜି ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ । ଲର୍ଡସ୍‌ରେ ପ୍ରଥମଥର ପାଇଁ ମହିଳା ଟେଷ୍ଟ ମ୍ୟାଚ୍ ଖେଳାଯିବ । ହରମନ ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଏହି ଟେଷ୍ଟ ମ୍ୟାଚ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି । ଆଜିର ମ୍ୟାଚ୍‌କୁ ମିଶାଇ ଭାରତୀୟ ମହିଳା କ୍ରିକେଟ୍ ଦଳ ୧୬ଥର ଇଂଲଣ୍ଡ ବିପକ୍ଷରେ ପ୍ରଦର୍ଶନ କରିଛି । ସେଥିମଧ୍ୟରୁ ଇଂଲଣ୍ଡ ଗୋଟିଏରେ ବିଜୟ ଲାଭ କରିଥିବାବେଳେ ଭାରତ ତିନୋଟିରେ ବିଜୟ ଲାଭ କରିଥିଲା । ଅନ୍ୟ ୧୧ଟି ମ୍ୟାଚ୍ ଅମିମାଂଶିତ ରହିଥିଲା । ୨୦୨୧ ଜୁନ୍‌ରେ ଅନୁଷ୍ଠିତ ଶେଷ ଟେଷ୍ଟ ମ୍ୟାଚ୍ ଡ୍ର’ ରହିଥିଲା ।